# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଗଞ୍ଜାମ (ଜରୁରୀ କାଳୀନ ବିଭାଗ)

**ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସି ପଦ ନିମନ୍ତେ ବିଜ୍ଞାପନ**

ଜିଲ୍ଲାପାଳ,ଗଞ୍ଜାମ, ଛତ୍ରପୁର ଜିଲ୍ଲା, ଜରୁରୀ କାଳୀନ ପରିଚାଳନା କେନ୍ଦ୍ର (DEOC) ଦ୍ୱାରା ଆଗାମୀ ଦିନମାନଙ୍କର ବନ୍ୟା ପରିସ୍ଥିତି ରିଲିଫ କାର୍ଯ୍ୟ ଉଦ୍ଦେଶ୍ୟରେ ୫(ପାଞ୍ଚ) ଜଣ ମୋଟର ଲଞ୍ଚ ଡ୍ରାଇଭର ଓ ୫(ପାଞ୍ଚ) ଜଣ ବୋଟ ଖଲାସି ଅସ୍ଥାୟୀ ରୂପେ ନିୟୋଜିତ କରାଯିବ ପାଇଁ ଏହି ବିଜ୍ଞାପନ ଜାରି କରାଗଲା। ଏହି ନିଯୁକ୍ତି ଦିନ ଠାରୁ ଆସନ୍ତା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

ଏହି ନିୟୋଜିତ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଓ ନିୟୋଜିତ ତାରିଖ ଠାରୁ ୩୦.୧୧.୨୦୨୨ ପର୍ଯ୍ୟନ୍ତ ବୈଧ ରହିବ । ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସି ଙ୍କୁ ଯଥାକ୍ରମେ ଟ.୧୧,୧୦୦/- ଓ ଟ.୧୦,୧୦୦/- ଟଙ୍କା ହିସାବରେ ମାସିକ ପରିଶ୍ରାମିକ ଦିଆଯିବ । ଏହା ବ୍ୟତୀତ ସେମାନଙ୍କୁ ଆଉ କୌଣସି ଭତ୍ତା ଦିଆଯିବ ନାହି ।

ଲଞ୍ଚ ଡ୍ରାଇଭର ନିମନ୍ତେ ଆବେଦନ କରୁଥିବା ବ୍ୟକ୍ତିଙ୍କ ଦ୍ୱିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଙ୍ଗ ଲାଇସେନ୍ସ ଥିବା ଆବଶ୍ୟକ ଏବଂ ସେମାନଙ୍କୁ ମୋଟର ଲଞ୍ଚ ଚାଳନା ଦକ୍ଷତା ପରୀକ୍ଷା ଅନୁସାରେ ମନୋନୀତ କରାଯିବ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ ଖଲାସି ପ୍ରାର୍ଥୀ ଯେ କୌଣସି ଜଳରାଶିରେ ୨୦ ମିନିଟରେ ୨୦୦ ମିଟର ପହଁରି ପାରୁଥିବା ଆବଶ୍ୟକ । ଯଦି କୌଣସି ଦୁଃସ୍ଥିତିରେ ନିଜର ଜୀବନ ହାନି/ ଶାରୀରିକ କ୍ଷତି ଘଟେ ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ ଖଲାସି ଙ୍କ ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀ/ ଅଗ୍ନିଶମ ବାହିନୀ ଅଧିକାରୀଙ୍କ ଦ୍ୱାରା କରାଯିବ । ଲଞ୍ଚ ଖଲାସିଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗତ୍ୟା ସପ୍ତମ ଶ୍ରେଣୀ ପାସ ହୋଇଥିବା ଦରକାର । ଯେଉଁ ପ୍ରାର୍ଥିମାନଙ୍କର ପୂର୍ବରୁ SPEO (State Port Engineering Organization) ର ଅଭିଜ୍ଞତା ଥିବ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମନୋନୀତ ଲଞ୍ଚ ଡ୍ରାଇଭର ଓ ଖଲାସି କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ସ୍ୱାସ୍ଥ ଯାଞ୍ଚ ପ୍ରମାଣପତ୍ର ସରକାରୀ ଡ଼ାକ୍ତର ଖାନା କର୍ତୃପକ୍ଷଙ୍କ ନିକଟରୁ ଆଣି ପ୍ରଦାନ କରିବେ ।

**ଏହି ନିଯୁକ୍ତି ପାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଏଥିସହ ସଲଗ୍ନ ଥିବା ବିବରଣୀ ଅନୁସାରେ ଆବେଦନ ପତ୍ର ସହ ସମସ୍ତ ଆବଶ୍ୟକ କାଗଜ ପତ୍ର ଜିଲ୍ଲା ଜରୁରୀ କାଳୀନ ବିଭାଗ, ଗଞ୍ଜାମ ରେ ପୋଷ୍ଟ ଦ୍ୱାରା କିମ୍ବା ନିଜେ ଆସି ପୋଷ୍ଟ ବାକ୍ସରେ ଦିବା ୧୦.୦୦ ଘଟିକା ଠାରୁ ୫.୦୦ ଘଟିକା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସ ଗୁଡିକରେ ଆବେଦନ କରିପାରିବେ । ଏହି ଆବେଦନର ଶେଷ ତା ୨୩.୦୫.୨୦୨୨ରିଖ ଅଟେ । ଏହା ପରେ କୌଣସି ଆବେଦନ ପାତ୍ର ଗ୍ରହଣ କରାଯିବ ନାହିଁ । ଏହାର ସବିଶେଷ ବିବରଣୀ ଗଞ୍ଜାମ ଜିଲ୍ଲା ୱେବସାଇଟ www.ganjam.nic.in ରେ ଉପଲବ୍ଧ ହେବ ।**

ପ୍ରକାଶ ଥାଉ କି, ଆସନ୍ତା ତା ୨୫.୦୫.୨୦୨୨ ରିଖ ଦିବା ୧୧.୦୦ ଘଟିକା ସମୟରେ ପାଇଥିବା ଆବେଦନ ପତ୍ର ଗୁଡିକ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ କରାଯାଇଥିବା ଅଧିକାରଙ୍କ ଦ୍ୱାରା ଯାଞ୍ଚ କରାଯାଇ ପରବର୍ତୀ ପଦକ୍ଷେପ ନିଆଯିବ । ଆସନ୍ତା ତା ୨୭.୦୫.୨୦୨୨ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ମନୋନୀତ ପ୍ରାର୍ଥୀ ମାନଙ୍କର ଦକ୍ଷତା ପରିକ୍ଷା ଅନୁଷ୍ଠିତ ହେବ ।

ଜିଲ୍ଲାପାଳ, ଗଞ୍ଜାମ

ପରିପତ୍ର ନ.../1254/ ଜରୁରୀକାଳୀନ ତା......12.5.2022

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଭାଗ ଅଧିକାରୀ , ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଗଞ୍ଜାମ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛତ୍ରପୁର ଙ୍କ ଗୋଚରାର୍ଥେ ପ୍ରେରଣ କରିବା ସହ ଜିଲ୍ଲା ୱେବ ସାଇଟ www.ganjam.nic.in ରେ ପ୍ରସାରିତ କରିବା ହେବ ।

ଏହାର ଏକାକିତା ନକଲ ଜିଲ୍ଲାପାଳ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଜାରି କରିବା ହେବେ/ ଉପଜିଲ୍ଲାପାଳ, ଛତ୍ରପୁର/ବ୍ରହ୍ମପୁର /ଭଞ୍ଜନଗର/ଗଞ୍ଜାମ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ସରକାରୀ ମତ୍ସ୍ୟ ଅଧିକାରୀ, ଛତ୍ରପୁର, ଗଞ୍ଜାମ/ ଗଞ୍ଜାମ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ଗୋଚରାର୍ଥେ ଓ ଅବଗତି ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା ।

ଜିଲ୍ଲାପାଳ, ଗଞ୍ଜାମ

# ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର ନିୟୋଜନ ନିମନ୍ତେ ଦରଖାସ୍ତ

(୧) ପ୍ରାର୍ଥୀ ଙ୍କ ନାମ :

(୨) ଜନ୍ମ ତାରିଖ ଓ ବୟସ
(ଜନ୍ମ ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୩) ପିତାଙ୍କ ନାମ

(୪) ସ୍ଥାୟୀ ଠିକଣା

(୫) ଶିକ୍ଷାଗତ ଯୋଗ୍ୟତା
(ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୬) ମୋଟର ଲଞ୍ଚ ଚାଳନା ଯୋଗ୍ୟତା
(ଡ୍ରାଇଭିଂ ଲାଇସେନ୍ସ ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୭) ମୋଟର ଲଞ୍ଚ ଚାଳନା ଅଭିଜ୍ଞତା
( ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୮) ଅନ୍ୟ କିଛି

| |
|---|
| ପ୍ରାର୍ଥୀ ନିଜର<br>ପାସପୋଟ ଫୋଟ<br>ଏଠାରେ ଲଗାନ୍ତୁ |

ସ୍ଥାନ :

ତାରିଖ :

ପ୍ରାର୍ଥୀଙ୍କ ସ୍ୱାକ୍ଷର

## ଘୋଷଣା ନାମା

ଏତଦ୍ୱାରା ମୁଁ ଶ୍ରୀ ........................................................................................ ପି ........................................................................

ଗ୍ରା.............................................................................................ପୋ..........................ଥାନା,..................................................ଜିଲ୍ଲା
ଗଞ୍ଜାମ ,ସୁସ୍ଥ ମନମସ୍ତିଷ୍କରେ ବିନା କୌଣସି ପ୍ରରୋଚନାରେ ଘୋଷଣା କରୁଅଛି କି,

(୧) ମୁଁ ଭଲ ଭାବରେ ନଦୀ / କେନାଲ ବା ଅନ୍ୟ କୌଣସି ବନ୍ଧ, ପିଓଖରୀ, ନାଳ ପାଣିରେ ପହଁରା ଜଣେ

(୨) ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରୀକ୍ଷା ନିମନ୍ତେ ୨୦ ମିନଟ ସମୟ ସୀମା ମଧରେ ୨୦୦ ମିଟର ଦୂରତାକୁ ପହଁରି ଅନାୟସ ରେ ଅତିକ୍ରମ କରିପାରିବି

(୩) ପହଁରିବା ସମୟରେ , ଯଦି କୌଣସି ଅଘଟଣ ଘଟେ ,ତେବେ ସେଠି ନିମନ୍ତେ ମୁ ନିଜେ ବ୍ୟକ୍ତିଗତ ଭାବେ ଦାୟୀ ରହିବି ଓ ସେଠି ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ପ୍ରାର୍ଥୀଙ୍କ ସ୍ୱାକ୍ଷର

ତାରିଖ :